# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକାଡେମୀ କାଉନସିଲ ବୈଠକ



ବୈଠକରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୯।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନ୍ୟୁ ସିଣ୍ଡିକେଟ ହଲ ଠାରେ ଗୁରୁବାର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଶିକ୍ଷାବର୍ଷ ୨୦୨୪-୨୫ ନିମନ୍ତେ ଏକାଡେମୀ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସରକାରଙ୍କ ନିତିଶିକ୍ଷା ପାଠ୍ୟକ୍ରମ ସ୍ୱୀକୃତି ପାଇଁ ଅନୁମତି ଦିଆଯାଇଛି। ଚଳିତ ବର୍ଷ ଶିକ୍ଷା ପାଇଁ ପିଜି, ୟୁ ଜି, ପ୍ରିପିଏଚଡ଼ିର ପାଠ୍ୟକ୍ରମକୁ ସ୍ୱୀକୃତି ଦିଆଯାଇଥିଲା। ବୈଠକରେ କୁଳପତିଙ୍କ ସମେତ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ପରୀକ୍ଷା ନିୟନ୍ତ୍ରକ ଡ଼. ସତ୍ୟ ନାରାୟଣ କୁଣ୍ଡ ମଂଚାସୀନ ରହି ନୂତନ ଶିକ୍ଷାନିତି ଉପରେ ଆଲୋକପାତ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପାରଳାଖେମୁଣ୍ଡି ଏସକେସିଜି କଲେଜ, ହିଞ୍ଜିଳିକାଟୁ କଲେଜ, ଫୁଲବାଣୀ କଲେଜର ପ୍ରତିନିଧିଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ଉପ ପରୀକ୍ଷା ନିୟନ୍ତ୍ରକ ଡ଼. ସତ୍ୟବ୍ରତ ପାତ୍ର ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ା କ୍ଷେତ୍ରରେ ନିଜକୁ ଦକ୍ଷ କରିବାକୁ ଆହ୍ୱାନ

ବ୍ରହ୍ମପୁର,୨୯।୮(ସ୍ୱାଧୀନ ଶେଖର ପାଢ଼ୀ)

## ବିଭିନ୍ନ ଅନୁଷ୍ଠାନରେ ଜାତୀୟ କ୍ରୀଡା ଦିବସ

ସହରର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଜୀବନରେ କ୍ରୀଡାର ଆବଶ୍ୟକତା ଥିବାରୁ ଏ କ୍ଷେତ୍ରରେ ଛାତ୍ରଛାତ୍ରୀ ଦକ୍ଷ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ସିଟି ହାଇସ୍କୁଲ ପରିସରରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବେ ବରିଷ୍ଠ ଶିକ୍ଷକ ତଥା ଏନସିସି ଚିଫ ଅଶୋକ କୁମାର ପଟ୍ଟନାୟକ, ସୀମାଞ୍ଚଳ ତ୍ରିପାଠୀ, ରାଜଲକ୍ଷ୍ମୀ ସାହୁ, ଚିତ୍ରା ପଟ୍ଟନାୟକ, ପି. ଚିନାରୀ ଦୋରା ଓ ଗାୟତ୍ରୀ ବେହେରା ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ପାଳନର ମହତ୍ତ୍ୱ କହିଥିଲେ। ୧୯୦୫ ଅଗଷ୍ଟ ୨୯ତାରିଖରେ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମ ହୋଇଥିବାରୁ ଏହି ଦିବସ ପାଳନ କରାଯାଉଛି। ଧ୍ୟାନଚାନ୍ଦଙ୍କ ଅବଦାନକୁ ସମ୍ମାନ ଜଣାଇବା ଉକ୍ତ ଦିବସର ମୂଳ ଲକ୍ଷ୍ୟ। କେବଳ ହକି ନୁହେଁ ଯେ କୌଣସି କ୍ରୀଡାରେ ନିଜେ ଦକ୍ଷ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିରଞ୍ଚନ ରାଉତ ପରିଚାଳନା କରିଥିଲେ। ସରକାରୀ ପୌର ବାରାକ୍ସ ଉଚ୍ଚ ବିଦ୍ୟାଳୟରେ ପାଳିତ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରା ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଛାତ୍ର ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଓ ଏହାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଶିକ୍ଷୟିତ୍ରୀ ମିରାବାଇ ପଣ୍ଡା, ସସ୍ମିତା ପଣ୍ଡା, ରୌପ୍ୟମୟୀ ସତପଥୀ, ସସ୍ମିତା ହେହେରା, ତୃପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାମହରି ନଗର ସରସତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ଦିବସରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କେଦାର ସାହୁ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ଏବଂ ଜୀବନରେ ଏହାର ଆବଶ୍ୟକତା ଉପରେ ମତ ରଖି ଏ କ୍ଷେତ୍ରରେ ଦକ୍ଷ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ଭଜରାମ ବିଶ୍ୱାଳ, ଉପସଭାପତି ପିତାମ୍ବର ପାତ୍ର ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ପ୍ରସାଦ କୁମାର ଦାଶ ଅତିଥି ପରିଚୟ ଦେଇଥିଲେ। ଏନସିସି ଅଫିସର ହରିପ୍ରସାଦ ବକ୍ସିଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବ୍ରହ୍ମପୁର ନିକଟ ପୁରୁଣାପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଦିବସରେ ସ୍କୁଲ ଅଧ୍ୟକ୍ଷ ଗୋକୁଳ କୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଧ୍ୟାନଚାନ୍ଦଙ୍କ ପ୍ରତିଭା ସମ୍ପର୍କରେ କୁହାଯାଇ ପିଲାଙ୍କ ଭିତରେ ଦୌଡ ଓ ଫୁଟବଲ ଖେଳ ହୋଇଥିଲା। ସ୍କୁଲର ଶିକ୍ଷୟିତ୍ରୀ ସୁନିତା ମଲଣା, ସୁଜାତା ରାଣୀ ରାୟଗୁରୁ, ଶିକ୍ଷକ ନିରଞ୍ଜନ ନାୟକ, ସୀମାଦ୍ରୀ ଦାଶ, ବି.ରାଜେୟା ରେଡ଼ି, ଏଲ. ସୂର୍ଯ୍ୟନାରାୟଣ ଆଚାରୀ ଓ ଅଜିତ ମଲିକ ସହଯୋଗ କରିଥିଲେ।



ସିଟି ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ


ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।


ପୁରୁଣାପାଟଣା ସ୍କୁଲରେ ଅନୁଷ୍ଠିତ ଦିବସରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

# ଦିଗପହଣ୍ଡି ଠାକୁରାଣୀ ଯାତ୍ରା ପାଇଁ କମିଟି ଗଠିତ

ଦିଗପହଣ୍ଡି,୨୯।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ୫୧ ତମ ଶାରଦୀୟ ଯାତ୍ରା ପରିଚାଳନା ପାଇଁ କମିଟି ଗଠିତ ହୋଇଛି। ଠାକୁରାଣୀ ମନ୍ଦିର ସମ୍ମୁଖ ରଘୁନାଥ ମନ୍ଦିର ମଣ୍ଡପ ପରିସରରେ ଆୟୋଜିତ ସଭାରେ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବ୍ୟବସାୟୀ, ଚାଷୀଙ୍କ ଉପସ୍ଥିତିରେ ଚଳିତ ବର୍ଷ ମା'ଙ୍କ ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାରେ ପରିଚାଳିତ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଆସନ୍ତା ଆଶ୍ୱିନ ମହା ସପ୍ତମୀ ଅର୍ଥାତ ଅକ୍ଟୋବର ୯ ରାତିରେ ମା' ଅସ୍ଥାୟୀ ମଣ୍ଡପକୁ ବିଜେ କରିବା ପରେ ଯାତ୍ରା ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ତିଥିରେ ଅର୍ଥାତ୍ ଅକ୍ଟୋବର ୧୫ରେ ସ୍ୱମନ୍ଦିର ପ୍ରତ୍ୟାଗମନ କରିବେ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଯାତ୍ରା ପୂର୍ବରୁ ସେପ୍ଟେମ୍ବର ୬ରେ ବଜାର ସାହି ଗାନ୍ଧୀ ଛକ ସ୍ଥିତ ଅସ୍ଥାୟୀ ଯାତ୍ରା ମଣ୍ଡପରେ ଶୁଭଖୁଣ୍ଟି ସ୍ଥାପନ କରାଯିବ। ସଭାରେ ଚଳିତ ବର୍ଷ ଯାତ୍ରା ପରିଚାଳନା ନିମନ୍ତେ ନୂତନ କମିଟି ଚୟନ କରାଯାଇଥିଲା। ଯାତ୍ରା କମିଟି ସଭାପତି ଭାବେ ବିକାଶ ପଶୁପାଳକ, ଉପ ସଭାପତି ଏ . ସାକିଲି, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ ଦୀପକ କୁମାର ମିଶ୍ର, କୋଷାଧ୍ୟକ୍ଷ ଆଶିଷ କୁମାର ପଟ୍ଟନାୟକ, ସହ କୋଷାଧ୍ୟକ୍ଷ କେ .ରାଜେନ୍ଦ୍ର, ଉପଦେଷ୍ଟା ଭାବେ କୁରେଶୁ ମହାରଣା, ଅର୍ଦ୍ଧୁ . ଗୋବିନ୍ଦ, ଶିବଶଙ୍କର ମହାଙ୍କୁଡ, ପ୍ରଦୀପ କୁମାର ପଣ୍ଡା, କେ . କୁନା, ରବିନ୍ଦ୍ର ମାର୍ଥା, ନୀଳମାଧବ ଗୌଡଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ଚୋରା ନିଶାଦ୍ରବ୍ୟ କାରବାର ରୋକିବାକୁ ସମୀକ୍ଷା

ଭଞ୍ଜନଗର,୨୯।୮(ବାବୁଲା ପ୍ରଧାନ):

ଚିକିଟିରେ ମଦମୃତ୍ୟୁ ପରେ ଜିଲା ପ୍ରଶାସନ ପକ୍ଷରୁ ଚୋରା ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ସହ ସମୀକ୍ଷା ହେଉଛି। ଏହି କ୍ରମରେ ଗୁରୁବାର ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଅବକାରୀ, ରାଜସ୍ୱ ଏବଂ ପୋଲିସ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢ଼ାଉ କରାଯାଇ ଚୋରାମଦ କାରବାରକୁ ରୋକିବା ପାଇଁ ଉପଜିଲାପାଳ ସେଠୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାସରେ ଅବକାରୀ ବିଭାଗ ପକ୍ଷରୁ ଉପଖଣ୍ଡରେ ୭୮ଟି ମାମଲା ରୁଜୁ କରାଯାଇ ୬୫ ଜଣଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ଚଢ଼ାଉକୁ ଆହୁରି ଜୋରଦାର କରାଯିବ। ବର୍ତ୍ତମାନ ଚଢ଼ାଉ ଜୋରଦାର ପରେ ଚୋରା ମଦ ବ୍ୟବସାୟୀମାନେ ଆତଙ୍କିତ ହୋଇପଡିଛନ୍ତି। ବୈଠକରେ ତହସିଲଦାର ଉମା ଶଙ୍କର ବେହେରା, ଅତିରିକ୍ତ ଉପ ଜିଲାପାଳ ବିଶ୍ୱ ରଞ୍ଜନ କର, ଭଞ୍ଜନଗର ଅବକାରୀ ଆଇଆଇସି ଡମ୍ବୁରୁଧର ହରିଜନ, ଭଞ୍ଜନଗର ଅବକାରୀ ଓଆଇସି ଅଲିଭା ମାଝୀ, ସୋରଡା ଓଆଇସି ରାକେଶ ଖୁଣ୍ଟିଆ, ବୁଗୁଡ଼ା ଓଆଇସି ମୋଜି ଶବର, ଆସିକା ଓଆଇସି ରବୀନ୍ଦ୍ର ନାଥ ବିଶାଳଙ୍କ ସମେତ ଉପଖଣ୍ଡର ସମସ୍ତ ତହସିଲଦାର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ୱାକାଥନ

ବ୍ରହ୍ମପୁର,୨୯।୮(ସ୍ୱାଧୀନ ଶେଖର ପାଢ଼ୀ)

ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ରୀଡା ପ୍ରଶିକ୍ଷାର୍ଥୀଙ୍କୁ ନେଇ ୱାକାଥାନ ଓ ବନ୍ଧୁତ୍ୱପୂର୍ଣ୍ଣ ବାସ୍କେଟବଲ ମ୍ୟାଚ ହୋଇଥିଲା। କ୍ରୀଡ଼ା ତଥା କ୍ରୀଡ଼ାବିତଙ୍କ ବିକାଶ ନିମନ୍ତେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ଦିବସର ମହତ୍ତ୍ୱ ବିଷୟରେ ଉପସ୍ଥିତ କ୍ରୀଡା ପ୍ରତିଭାଙ୍କୁ ଅବଗତ ଓ ସଚେତନ କରାଯାଇଥିଲା। ଏହା ସହ ହକି ଖେଳ ପ୍ରତି ଥିବା ଧ୍ୟାନଚାନ୍ଦଙ୍କ ଦକ୍ଷତା ଓ ସଫଳତା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିରେ ଷ୍ଟାଡିୟମ ଇନଚାର୍ଜ ସଂଜୀବ କୁମାର ସାହୁ, କୋଚ ସୀତା ଜେନା, ପଦ୍ମିନୀ ମହାନ୍ତି, ପଦ୍ମିନୀ ପାଢ଼ୀ, ମିନତୀ ଦାସ, କାଜଲ ସାହୁ, ବକ୍ସିଂ ପ୍ରଶିକ୍ଷକ ଶିଶିର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖଲ୍ଲିକୋଟରେ ବାର୍ଡ ଫ୍ଲୁ ନାହିଁ: ପ୍ରାଣୀ ଚିକିତ୍ସକ

ଖଲ୍ଲିକୋଟ,୨୯।୮(ପ୍ରଶାନ୍ତ କୁମାର ମିଶ୍ର)

## ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ

ବାର୍ଡ ଫ୍ଲୁ କୁ ନେଇ ରାଜ୍ୟରେ ଲୋକଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। ଏ ଦିଗରେ ଖଲ୍ଲିକୋଟରେ ପ୍ରାଣୀ ବିଭାଗ ପକ୍ଷରୁ ଆଗୁଆ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ଖଲ୍ଲିକୋଟରେ ଥିବା ବିଭିନ୍ନ କୁକୁଡ଼ା ଫାର୍ମରୁ ୫୦ କୁକୁଡ଼ାର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଗତ ଦିନରେ ପ୍ରାଣୀ ବିଭାଗ ପଠାଇଥିଲା। ତେବେ ପରୀକ୍ଷାରୁ ଗୋଟିଏ ମଧ୍ୟ ନମୁନା ପଜିଟିଭ ଆସିନାହିଁ। ଫଳରେ ଲୋକଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ବିଭାଗ ପକ୍ଷରୁ ଖଲ୍ଲିକୋଟ ମୁଖ୍ୟ ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ଖାଡେଙ୍ଗା ପରାମର୍ଶ ଦେଇଛନ୍ତି। ଯଦି କୌଣସି ସ୍ଥାନରେ ବାର୍ଡ ଫ୍ଲୁର ଲକ୍ଷଣ ଦେଖିବାକୁ ମିଳେ ତେବେ ତୁରନ୍ତ ପ୍ରାଣୀ ଚିକିତ୍ସା ବିଭାଗ କାର୍ଯ୍ୟାଳୟକୁ ଜଣାଇବାକୁ ସେ କହିଛନ୍ତି। ଏଥିପାଇଁ ପ୍ରାଣୀ ମିତ୍ର, ଗୋ ମିତ୍ର ଏବଂ ଏଲଆଇସିମାନେ ସଜାଗ ରହିଛନ୍ତି। କୌଣସି ସ୍ଥାନରୁ ଖବର ମିଳିଲେ ସେମାନେ ସଙ୍ଗେ ସଙ୍ଗେ ପ୍ରତିଷେଧମୂଳକ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଛନ୍ତି।


ପରୀକ୍ଷା ପାଇଁ କୁକୁଡ଼ାର ନମୁନା ନିଆଯାଉଛି।

# ମଦ ଜବତ, ପୋଚ ନଷ୍ଟ

ଆସିକା,୨୯।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କମାଗଡ଼ ଗ୍ରାମ ନିକଟ ଏକ ଜଙ୍ଗଲରେ ଚାଲିଥିବା ମଦଭାଟି ଉପରେ ଗୁରୁବାର ଆସିକା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ପ୍ରାୟ ଶହେ ଲିଟର ରନ୍ଧାମଦ ଜବତ କରାଯାଇଥିବା ବେଳେ ୨୫ ଶହ ଲିଟର ପୋଚ ନଷ୍ଟ କରାଯାଇଛି। ଦୁର୍ଗମ ରାସ୍ତାରେ ଜବତ ମଦ ଆଣିବା ସମ୍ଭବ ନ ହେବାରୁ ସେଠାରେ ଡାଳିନିଆଁ ଲଗାଇ ଦିଆଯାଇଥିବା ଆସିକା ଅବକାରୀ ସବଇନ୍ସପେକ୍ଟର ରବୀନ୍ଦ୍ର ନାଥ ବିଶ୍ୱାଳ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିବାରୁ କାହାକୁ ଗିରଫ କରାଯାଇ ପାରିନାହିଁ।

# ନିଯୁକ୍ତି ଦାବି ନେଇ ଧାରଣା ଦ୍ୱିତୀୟ ଦିନରେ

ଛତ୍ରପୁର,୨୯।୮(ଦିଲୀପ ସାମଲ):

ଛତ୍ରପୁର ଉପକଣ୍ଠ ଆଇଆରଇଏଲ କମ୍ପାନୀ ଓ ବିଭିନ୍ନ କମ୍ପାନୀଗୁଡିକରେ ସ୍ଥାନୀୟ ଯୁବତୀଯୁବକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦାବି ନେଇ ତୁବୁଲି ଛକଠାରେ ଚାଲିଥିବା ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସମାଜିକ କର୍ମୀ ତଥା କଂଗ୍ରେସ ନେତା ଭାଗିରଥୀ ବେହେରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଧାରଣାରେ କଂଗ୍ରେସ ନେତା ବେହେରା, ଶ୍ରମିକ ନେତା ଭୋକାଲି ସେଠୀଙ୍କ ସମେତ ବହୁ ଯୁବକ ଓ ମହିଳା ମାନେ ସାମିଲ ହୋଇଛନ୍ତି।

# ପୁସ୍ତକ ଲୋକାର୍ପଣ, ୧୦ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା


ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୯।୮(ସ୍ୱାଧୀନ ଶେଖର ପାଢ଼ୀ)

ଗୁରୁବାର ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୁଲ୍ୟରେ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ହୋଇଛି। ଗଣେଶହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୟ ମୁଖ୍ୟ ଡ. ବିଦ୍ୟୁତପ୍ରଭା ସାହୁଙ୍କ ରଚିତ ଆତ୍ମଜୀବନୀ ପୁସ୍ତକ 'ଜୀବନ ଜାହ୍ନବୀ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଡ. ସାହୁଙ୍କ ସାରସ୍ୱତ ପ୍ରତିଭାର ପ୍ରଶଂସା କରିଥିଲେ। ସମ୍ମାନନୀୟ ଅତିଥି ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ପ୍ରଫେସର ବ୍ରଜମୋହନ ସାସମଲ, କବି ବିପିନ ନାୟକ ଏବଂ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ପ୍ରଶାନ୍ତ ମିଶ୍ର ଯୋଗଦେଇ ଡ. ସାହୁଙ୍କ ସର୍ଜନା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକ ଅମେୟବିକ୍ରମା ନନ୍ଦନ ଭୂୟାଁ ଡ. ସାହୁଙ୍କ ପୁସ୍ତକ ସମୀକ୍ଷା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ତରଫରୁ ଡ. ସାହୁ ଆସନ୍ତା ୩୧ ତାରିଖ ଅବସର ଗ୍ରହଣ କରୁଥିବାରୁ ଏକ 'ଅଭିନନ୍ଦନିକା ଗ୍ରନ୍ଥ' ପ୍ରକାଶ ପାଇଥିଲା। ସମ୍ପାଦିକା ଡ. ଉଷାରାଣୀ ରଥ ଓ ସହସମ୍ପାଦକ ଡ. ମନୋରଞ୍ଜନ ବିଷୋୟୀ ଏହାର ସମ୍ପାଦନା ଦାୟିତ୍ୱ ନେଇଛନ୍ତି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଏବଂ ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ ଉକ୍ତ ଗ୍ରନ୍ଥର ପରାମର୍ଶଦାତା ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ କବି ବିପିନ ନାୟକ, ମଥୁରେନ୍ଦ୍ରନାଥ ପୃଷ୍ଟି, କବି ବୈକୁଣ୍ଠନାଥ ସାହୁ, ଡ. ବିବେକାନନ୍ଦ ପାଣିଗ୍ରାହୀ, କବି ଅମେୟବିକ୍ରମା ନନ୍ଦନ ଭୂୟାଁ, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, କବି ପ୍ରଶାନ୍ତ ମିଶ୍ର, ଦଣ୍ଡପାଣି ମହାପାତ୍ର, ମାକସୁଦ ଅହମ୍ମଦ ପ୍ରମୁଖ ୧୦ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ସୁକାନ୍ତି ସାହୁ, ନିଳୀମା ସାହୁ, ଡକ୍ଟର କୁଳମଣି ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପ୍ରଫେସର ପଦ୍ମିନୀ ସାହୁ ସ୍ୱାଗତ ଭାଷଣଡ. ଉଷାରାଣୀ ରଥ ଅତିଥି ପରିଚୟ ଓ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସର୍ଣ୍ଣଲତା ବିଷୋୟୀ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗୋପାଳପୁର/ବ୍ରହ୍ମପୁର,୨୯।୮(ନବୀନ ରାଜ ଆଚାରୀ/ସ୍ୱାଧୀନ ଶେଖର ପାଢ଼ୀ)

ରାଷ୍ଟ୍ରୀୟଆବିଷ୍କାରଅଭିଯାନଆନୁକୂଲ୍ୟରେ ଗୁରୁବାର କନିଷି ବାଲାଜୀ ବିଦ୍ୟାପୀଠରେ ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡ଼. ବିବେକାନନ୍ଦ କର, ସମ୍ମାନନୀୟ ଅତିଥିଭାବେ ସମିତି ସଭ୍ୟ ଗଣେଶ ଦାସ ଯୋଗଦେଇଥିଲେ। ଏଥିରେ ସର୍ବ କନିଷ୍ଠ ବର୍ଗରେ ୩୬, କନିଷ୍ଠ ବର୍ଗରେ ୪୮,ବରିଷ୍ଠ ବର୍ଗରେ ୭୬ବିଦ୍ୟାର୍ଥୀ ଭାଗ ନେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ଭୂୟାଁ ଏହାକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପତି ସହଯୋଗ କରିଥିଲେ। ସର୍ବ କନିଷ୍ଠ ବର୍ଗରେ ଜଗବନ୍ଧୁ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଇ ଲୋକନାଥ ପାଢ଼ୀ ପ୍ରଥମ, ଝାଡ଼ାଙ୍କୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅମରେନ୍ଦ୍ର ସାହୁ ଦ୍ୱିତୀୟ, ଆଗା ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆୟୁଷ୍ମାନ ସାହୁ ତୃତୀୟ ହୋଇଥିଲେ। କନିଷ୍ଠ ବର୍ଗରେ ସୀମାଦ୍ରୀ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ମଳୟ ରଞ୍ଜନ ପ୍ରଧାନ ପ୍ରଥମ, ସରକାରୀ ସ୍କୁଲ ଖୋଡ଼ାସିଙ୍ଗିର ବି.ଅଭିଷେକ କୁମାର ଦ୍ୱିତୀୟ,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିନ୍ସକୁମାର ତୃତୀୟ ହୋଇଛନ୍ତି। ସେହିପରି ବରିଷ୍ଠ ବର୍ଗରେ ବାଲାଜୀ ବିଦ୍ୟାପୀଠର ଶିବ ପ୍ରସାଦ ମହାପାତ୍ର ପ୍ରଥମ, ଭିଭି ବାଳିକା ଉଚ୍ଚ ବିଦ୍ୟାଳୟର ପୂଜା ସାବତ ଦ୍ୱିତୀୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଡିକାଲ କ୍ୟାମ୍ପସର କିଂଜଲ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ବ୍ରହ୍ମପୁର ମହାନଗର ନିଗମ, ଗୋପାଳପୁର ଏନ୍ଏସି, ରଙ୍ଗେଇଲୁଣ୍ଡା ବ୍ଲକ ବିଦ୍ୟାର୍ଥୀ ଯୋଗଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ ଜେନାଙ୍କ ସମେତ ୧୭ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସହଯୋଗ କରିଥିଲେ।

# ଅପମିଶ୍ରିତ ମଦ ଜବତ, ୨ ଜେଲ୍ ଗଲେ

ଦିଗପହଣ୍ଡି,୨୯।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ଗୁରୁବାର କଙ୍କିଆ ଗ୍ରାମ ନିକଟସ୍ଥ ଭାଲିଆଗୁଡ଼ା ଗ୍ରାମର ବୃନ୍ଦାବନ ମଲ୍ଲିକଙ୍କୁ ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ଚୋରା ମଦ ଚାଲାଣ ବେଳେ ବୃନ୍ଦାବନ ଧରା ପଡିଥିଲେ। ତାଙ୍କ ନିକଟରୁ ୪୦ ଲିଟର ଅପମିଶ୍ରିତ ରନ୍ଧା ଦେଶୀମଦ ଜବତ ହୋଇଛି। କେସ୍ ନଂ.୩୩୩/୨୪ ଅନୁଯାୟୀ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ବୃନ୍ଦାବନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ବୁଧବାର ସନ୍ଧ୍ୟାରେ ଏଏସ୍ଆଇ ଅଜୟ କୁମାର ନାୟକ ମହୁଡ଼ା ଗ୍ରାମ ନିକଟ ବେତଝରି, ଅମାଣିଆଗୁଡ଼ା, ସରକଟା, ନିମପଲ୍ଲି, କରଞ୍ଜି ଆଦି ଗ୍ରାମରେ ପାଟ୍ରୋଲିଂ କରୁଥିବା ବେଳେ ଭାଲିଆଗୁଡ଼ା ଗ୍ରାମ ଜଙ୍ଗଲ ରାସ୍ତାରେ ବୃନ୍ଦାବନ ଅପମିଶ୍ରିତ ରନ୍ଧା ଦେଶୀମଦ ବିକ୍ରି କରୁଥିବା ଜାଣିବାକୁ ପାଇଥିଲେ। ସନ୍ଧ୍ୟା ସାଢେ ୫ଟାରେ ଏଏସ୍ଆଇ ନାୟକ ପୋଲିସ ଟିମ୍ ଧରି ଭାଲିଆଗୁଡା ଗ୍ରାମରେ ଚଢାଉ କରି ବୃନ୍ଦାବନଙ୍କ ନିକଟରୁ ମଦ ଜବତ କରିଥିଲେ। ଏଏସ୍ଆଇଙ୍କ ଏତଲାକ୍ରମେ ତଦନ୍ତକାରୀ ଅଧିକାରୀ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ବୃନ୍ଦାବନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେହିପରି କରଞ୍ଜି ଗ୍ରାମର ନରେନ୍ଦ୍ର ଓରଫ ନରି ମଲ୍ଲିକଙ୍କ ନିକଟରୁ ବୁଧବାର ୪୦ ଲିଟର ଅପମିଶ୍ରିତ ରନ୍ଧା ଦେଶୀମଦ ଜବତ ହୋଇଛି। ପୋଲିସ ସନ୍ଧ୍ୟା ୬ ଟାରେ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରି ନରେନ୍ଦ୍ରଙ୍କ ନିକଟରୁ ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ଏଏସ୍ଆଇ ଅଜୟ କୁମାର ନାୟକଙ୍କ ଏତଲାକ୍ରମେ ମାମଲା ନଂ.୩୩୪/୨୪ ଅନୁଯାୟୀ ମକଦ୍ଦମା ରୁଜୁ ହୋଇଛି। ଗୁରୁବାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜ୍ୟୋତି ରଞ୍ଜନ ବେହେରା ନରେନ୍ଦ୍ରଙ୍କୁ ବ୍ରହ୍ମପୁର ସଦର କୋର୍ଟ ଚାଲାଣ କରିଥିବା ଜଣାପଡିଛି।

GAYATRI
COLLEGE OF ENGINEERING
Near Income Tax Office, Ambapua, Brahmapur
B.TECH. (4 Yrs./ LE)
Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
Approved by AICTE
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9437579479, 9437962526, 8144898953

